The Odisha Gazette

EXTRAORDINARY

PUBLISHED BY AUTHORITY

No. 3053 CUTTACK, MONDAY, SEPTEMBER 1, 2025/BHADRA 10, 1947

ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

The 7th August 2025

No. 875—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲାର ଟିଟିଲାଗଡ-ବୀଜୟନଗର ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–**ରେଲିବାନୀ ଗାଁ**, ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା- ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା **୧.୦.୬୩୦ଡ଼ି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

<u>ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ</u>

୧) ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ :- ଟିଟିଲାଗଡ-ବିଜୟନଗରମ ତୃତୀୟ ପ୍ରକଳ୍ପ ନିର୍ମାଣ ନିମନ୍ତେ

୨) ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା

୩) କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ।

୪) ସାମାଜିକ ପ୍ରଭାବ ମୁଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA Study vide No.SIA-୧୬୩/NCDS ତା ୦୨.୦୬.୨୦୨୫ ରିଖ ଦ୍ରଷ୍ଟବ୍ୟ

୫) ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ରାୟଗଡ଼

୬) ଜମିର ବିବରଣୀ

ଜିଲ୍ଲା	ତହସିଲ	ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮	୯
ରାୟଗଡା	କୋଲନରା	ରେଲିବାନୀ ଗାଁ	ଗ୍ରାମାଞ୍ଚଳ	ଏଥିସହ ସଂଲଗ୍ନ ଅଛି	ଏଥିସହ ସଂଲଗ୍ନ ଅଛି	ଏ.୮.୨୬ଡ଼ି.	ଏ.୦.୬୩୦ଡ଼ି.	ଏଥିସହ ସଂଲଗ୍ନ ଅଛି

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅଧିଗ୍ରହଣ ଅନୁସୂଚୀ

ମୌଜା-ରେଲିବାନୀଗାଁ (ଗ୍ରାମାଞ୍ଚଳ), ତହସିଲ- କୋଲନରା , ଥାନା-ଚାନ୍ଦିଲି , ଜିଲ୍ଲା-ରାୟଗଡା

ପୂର୍ବତଟ ଟିଟଲାଗଡ-ବିଜୟନଗରମ୍ ତୃତୀୟ ରେଳପଥ ପ୍ରକଳ୍ପ ନିମନ୍ତେ

ଖାତା ନଂ.	ସତ୍ତ୍ୱ	କିସମ	ପ୍ଲଟ ନଂ.	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ
୧୨/୧	ରୟତି	ଡଙ୍ଗର/୧	୩୮	୨.୫୬	୦.୩୦୦	ଆଖଡିୟା ନାଏକ ,ପି-ରଘୁନାଥ ନାଏକ ,ଜା-ପାଇକ,ବା-ଥେରୁବାଲି
୧୧	ରୟତି	ଡଙ୍ଗର/୨	୩୦	୦.୬୮	୦.୦୫୦	ଅଟକା ସିରିପତି ,ପି-ଅଟକା ନାଇକାମା,ଜା -କନ୍ଧ , ବା-ନିଜଗାଁ
	ରୟତି	ଡଙ୍ଗର/୨	୨୮	୧.୨୬	୦.୧୦୦	
୧୨	ରୟତି	ଡଙ୍ଗର/୩	୬	୦.୪୪	୦.୧୦୦	ଅଟକା ସିଲି ,ପି-ଅଟକା ଲଛମନ ,ଜା -କନ୍ଧ , ବା-ନିଜଗାଁ
୭	ରୟତି	ଡଙ୍ଗର/୩	୩	୩.୩୧	୦.୦୮୦	ହିକକା ମୁଗୁରି ,ହିକକା ନାରୀ,ହିକକା ଦେବୁରୁ,ହିକକା ଡାଲିଗା ,ପି-ହିକକା ସାଲୁପୁ ,ଜା-ପରଜା, ବା-ନିଜଗାଁ
			ମୋଟ	**୮.୨୬**	**୦.୬୩୦**	ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
ଆଶୁତୋଷ କୁଲକର୍ଣ୍ଣି
ଜିଲ୍ଲାପାଳ, ରାୟଗଡା

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2263—173+9